# ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସହ ଅନ୍ତରଙ୍ଗ ଆଳାପ

(ଆଳାପ କରିଛନ୍ତି ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ)

ପ୍ରମୋଦ ଦାଶ- ବୃକ୍ଷରୋପଣ ପ୍ରତି ଏତେଟା ଧ୍ୟାନ ଦେବାର ଆବଶ୍ୟକତା କ'ଣ ?

ଦିଲ୍ଲୀପ ଶ୍ରୀଚନ୍ଦନ- ବୃକ୍ଷରୋପଣର ଆବଶ୍ୟକତା, ଜଙ୍ଗଲ ଏବଂ ବୃକ୍ଷର ଉପକାରିତା ସମ୍ପର୍କରେ ବିଶେଷ କହିବା ନିଷ୍ପ୍ରୟୋଜନ, କାରଣ ଆମ ସମାଜ ପାଇଁ ବା ପୃଥିବୀ ପାଇଁ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ସମସ୍ତେ ଅବଗତ। ତେବେ ସାଂପ୍ରତିକ ପରିସ୍ଥିତିରେ ଆମେ ଅଙ୍ଗେ ନିଭେଇଥିବା କେତୋଟି ପ୍ରାକୃତିକ ବିପର୍ଯ୍ୟୟରୁ ଆମେ ଜାଣିପାରିବା ଗଛର ଅଭାବରେ ଜୀବଜଗତ ଓ ପୃଥିବୀର ଅବସ୍ଥା କ'ଣ ହୁଏ ? ଏଇ ଦେଖନ୍ତୁ ଚଳିତ ବର୍ଷ ଆମ ରାଜ୍ୟର ତାପମାତ୍ରା ବିଭିନ୍ନ ସ୍ଥାନରେ ୪୫%ରୁ ଅଧିକ ଅତିକ୍ରମ କଲା। ଆକାଶରୁ ନିଆଁ ଝୁଲା ଝରିଲା। ସକାଳ ୯ଟାରୁ ଲୋକେ ଘରୁ ବାହାରି ପାରିଲେନି। ଅନେକ ପଶୁପକ୍ଷୀ ପାଣି ଅଭାବରୁ ଛଟପଟ ହୋଇ ମଲେ। ଏହାର ପ୍ରମୁଖ କାରଣ ହେଉଛି ଜଙ୍ଗଲ ହ୍ରାସ। ଉଦାହରଣ ସ୍ୱରୂପ ଗୋଟିଏ ବଡ ବରଗଛ ଯେପରି ଶୀତଳତା ଦେଇଥାଏ, ୫୦ଗୋଟି ଏ.ସି. ସେତିକି ଶୀତଳତା ଦେବାକୁ ସକ୍ଷମ ନୁହେଁ। ପୁଣି ଗୋଟିଏ ବଡ ବରଗଛ ୫୦ମିଟର ବ୍ୟାସାର୍ଦ୍ଧ ଭିତରେ ଶୀତଳତା ଦେଇଥାଏ। ତେବେ ଗଛ ଉତ୍ତାପ ବୃଦ୍ଧି ରୋକିବାପାଇଁ କେତେ ସାହାଯ୍ୟକାରୀ ଏହି ଛୋଟିଆ ଉଦାହରଣରୁ ଜାଣିପାରିବେ।



ପ୍ର.ଦା.-ଆପଣଙ୍କ ଦୃଷ୍ଟିରେ ଆଉ କେଉଁଟି ଏକ ଉତ୍କଟ ସମସ୍ୟା ଅଛି ବୋଲି ଭାବୁଛନ୍ତି ?

ଦି.ଶ୍ରୀ- ସବୁଠୁ ବିପଦଜନକ ସମସ୍ୟା ହେଉଛି ବର୍ତ୍ତମାନ ପରିପ୍ରେକ୍ଷୀରେ ବାୟୁ ପ୍ରଦୂଷଣ ଜନିତ ସମସ୍ୟା। ଚୀନର ରାଜଧାନୀ ବେଜିଂରେ ଉତ୍କଟ ବାୟୁ ପ୍ରଦୂଷଣ ପାଇଁ ସ୍କୁଲ କଲେଜକୁ ୧୦ଦିନ ପର୍ଯ୍ୟନ୍ତ ବନ୍ଦ କରି ଦିଆଗଲା। ସେଠାରେ ବାୟୁ ପ୍ରଦୂଷଣ ସ୍ତର ୨୫୬ ମାଇକ୍ରୋଗ୍ରାମ ଥିଲା। ଅନୁରୂପ ଭାବରେ ଦିଲ୍ଲୀରେ ଯୁଗ୍ମ ଏବଂ ଅଯୁଗ୍ମ ଗାଡି ଚଳାଚଳ ମାଧ୍ୟମରେ ବାୟୁ ପ୍ରଦୂଷଣ ସ୍ତରକୁ କମାଇବା ପାଇଁ ଚେଷ୍ଟା କରାଯାଇଛି। କାରଣ ସେଠାରେ ବାୟୁ ପ୍ରଦୂଷଣ ସ୍ତର ୩୦୦ ମାଇକ୍ରୋଗ୍ରାମ ଅଟେ। ଅନୁରୂପ ଭାବରେ ଆମ ରାଜଧାନୀ ଭୁବନେଶ୍ୱର, ରାଉରକେଲା, କଟକ ଆଦି ବଡବଡ ସହରମାନଙ୍କରେ ବାୟୁ ପ୍ରଦୂଷଣ ସ୍ତର ୨୨୦ ଛୁଇଁଲାଣି। ଆମେ ଯଦି ଏବେଠାରୁ ସତର୍କ ହେବାନି ତେବେ ଆଗାମୀ ଦିନରେ ଶୁଦ୍ଧ ଅମ୍ଳଜାନ ପାଇବା ନିମନ୍ତେ ଅମ୍ଳଜାନ ଥଳି ଧରି ବୁଲିବାକୁ ପଡିବ। ଏପରିକି ଆଜି ସଫାପାଣି ଦୋକାନ ବଜାରରେ ବିକ୍ରି ହେଲାପରି ଅକ୍ସିଜେନ ଥଳି ମଧ୍ୟ ବଜାରରରେ ବିକ୍ରି ହେବ ଓ ପ୍ରୟୋଜନ ହେଲେ, ବଡବଡ ସହରପରି ବିଭିନ୍ନ ସ୍ଥାନରେ ଅକ୍ସିଜେନ୍ ଦୋକାନମାନ ଖୋଲିବ। ତେଣୁ ବେଳହୁଁ ସାବଧାନ ହେବା ଉଚିତ୍।

ପ୍ର.ଦା.ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ସମ୍ପର୍କରେ ଆପଣ କିଛି କହିଲେ ସତ ଓ ଏ ସମ୍ପର୍କରେ ଆପଣ କ'ଣ କରୁଛନ୍ତି ?

ଦି.ଶ୍ରୀ- ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ଏକ ବିଶାଳ ବ୍ୟାଧି। ଜଣେ ବ୍ୟକ୍ତି ସବୁକିଛି କରିପାରିବ ନାହିଁ। ଏଥିପାଇଁ ବହୁବ୍ୟକ୍ତିଙ୍କର ସମ୍ପୃକ୍ତି ଓ ଜନସଚେତନତା ଆବଶ୍ୟକତା ରହିଛି। ସେଥିପାଇଁ 'ପ୍ରେରଣା' ନାମକ ଏକ ଅନୁଷ୍ଠାନ ଗଠନ କରାଯାଇ ଅନେକ କାର୍ଯ୍ୟକ୍ରମମାନ କରାଯାଉଛି ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ ଜାରି ରହିଛି।

ପ୍ର.ଦା.-ବୃକ୍ଷରୋପଣ ଉପରେ ଆପଣ ଗୁରୁତ୍ୱ ଦିଅନ୍ତି। ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆପଣଙ୍କର କିଛି ବାର୍ତ୍ତା ଅଛି କି ?

ଦି.ଶ୍ରୀ.- ବର୍ତ୍ତମାନ ଜନସାଧାରଣ କେତେଗୁଡିଏ ନୂଆ ପରମ୍ପରା ସୃଷ୍ଟି କରିବା ଉଚିତ। ଯେମିତି ପରିବାରର କେହି ବ୍ୟକ୍ତି ମରିଗଲେ ତାଙ୍କ ପାଇଁ ସମାଧି ତିଆରି ନକରି ଗାଁ ମୁଣ୍ଡେ ବର କିମ୍ବା ଓସ୍ତ ଗଛଟିଏ ଲଗାଇବା ଉଚିତ। ଛୁଆ ଜନ୍ମ ଦିନରେ ଜନ୍ମଦିନ ସ୍ମାରକୀ ସ୍ୱରୂପ ଗଛଟିଏ ଲଗାଇବା ଉଚିତ। ସେହିପରି ବିବାହ ବାର୍ଷିକୀକୁ ସ୍ମୃତିମୟ କରିବା ପାଇଁ ଗଛଟିଏ ଲଗାଇବା ଉଚିତ। ସଭା ସମିତିରେ ଅତିଥିମାନଙ୍କୁ ଫୁଲ ନ ଦେଇ ଗଛଟିଏ ଦେବା ଉଚିତ। ଝିଅମାନେ ବିବାହ ହୋଇ ଗଲାବେଳେ କିଛି ଗଛ ଉପହାର ପ୍ରଦାନ କରିବା ଆବଶ୍ୟକ। ବିଶେଷ କରି ଶିକ୍ଷାନୁଷ୍ଠାନ ପରିସରରେ ବ୍ୟାପକ ବୃକ୍ଷରୋପଣ ନକଲେ ପିଲାମାନଙ୍କ ସ୍ମରଣଶକ୍ତି ହ୍ରାସ ଜନିତ ADD (Attention, Deficity, Disorder) ରୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପ୍ର.ଦା.-ଆପଣ ଜଣେ ସାହିତ୍ୟିକ। ଏହା ଭିତରେ କେତୋଟି ପୁସ୍ତକ ରଚନା କରିଛନ୍ତି, ସେଥି ମଧ୍ୟରୁ କେଉଁ ପୁସ୍ତକଟି ପାଠକଙ୍କ ଦ୍ୱାରା ଆଦୃତ ହୋଇଛି ବୋଲି ଭାବୁଛନ୍ତି ଓ କାହିଁକି ?

ଦି.ଶ୍ରୀ.- ମୋର କବିତା ପୁସ୍ତକଗୁଡ଼ିକ ହେଲା ଗୀତି କବିତା 'ତୁମେ ଭାରି ମନେ ପଡ' ଗଳ୍ପ- ଛେଳି ଗୋଠ ଝିଅ ଓ ଅନ୍ୟାନ୍ୟ, ନାଟକ- ଗଛ, ଅରଣ୍ୟ କାହାଣୀ ପ୍ରବନ୍ଧ, ଶ୍ରୀମନ୍ଦିର ... ଓ ପ୍ରଳୟ ପୂର୍ବେ। ଉପନ୍ୟାସ- ସରୁ ନଥିବା ସ୍ୱପ୍ନ, ସୂର୍ଯ୍ୟାସ୍ତ ପୂର୍ବରୁ। ପାଠକ ଆଦୃତି ଲାଭ କରିଥିବା ପୁସ୍ତକ ୨ଟି 'ସୂର୍ଯ୍ୟାସ୍ତ ପୂର୍ବରୁ' ଉପନ୍ୟାସ ଓ 'ତୁମେ ଭାରି ମନେପଡ'ଗୀତି କବିତା। ସୂର୍ଯ୍ୟାସ୍ତ ପୂର୍ବରୁ ଉପନ୍ୟାସ ସମକାଳୀନ ସମାଜର ବ୍ୟକ୍ତିମାନଙ୍କର ନିରଙ୍କୁଶ ବୋଧ, ଜୀବନ ଯନ୍ତ୍ରଣା , ସାଂସ୍କୃତିକ ଅବକ୍ଷୟ ଓ ପଥଭ୍ରଷ୍ଟ ପାଶ୍ଚାତ୍ୟ ସଂସ୍କୃତି ଅନୁଗାମୀ ଯୁବକମାନଙ୍କର ଚିତ୍ର ଓ ତାର ପରିଣତି ନିଖୁଣ ଭାବରେ ସ୍ଥାନ ପାଇଛି। 'ତୁମେ ଭାରି ମନେ ପଡ' ଗୀତିକବିତା ପୁସ୍ତକର ପ୍ରତ୍ୟେକଟି ଗୀତ ଯୁବମାନସିକତା ଚିତ୍ରକୁ ନିଜଭିତରେ ଜାବୁଡ଼ି ଧରିବାକୁ ଓ ପ୍ରେମ ପ୍ରଣୟର ଚିତ୍ର ବହନ କରୁଥିବାରୁ ଏହା ପାଠକମାନଙ୍କୁ ବିଶେଷତଃ ଯୁବକମାନଙ୍କୁ ଛୁଇଁ ପାରିଛି।

ପ୍ର.ଦା.- ଓଡ଼ିଆ ବିଭାଗର ଅଧ୍ୟାପକ, ଓଡ଼ିଆ ଭାଷା ପ୍ରତି ଆପଣଙ୍କ ମମତା ଅନେକ ବେଶି, ମାତ୍ର ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇ ବି ଆମ ଓଡ଼ିଆମାନଙ୍କର ଓଡ଼ିଆ ପୁସ୍ତକ ଏବଂ ଓଡ଼ିଆ ପତ୍ରିକା କିଣିବା ଓ ପଢ଼ିବା ପାଇଁ ଆଗ୍ରହ ନାହିଁ। ଆଗ୍ରହ ସୃଷ୍ଟି କରିବା ପାଇଁ ଆପଣଙ୍କର ସନ୍ଦେଶ କ'ଣ ?

ଦି.ଶ୍ରୀ.- ମୋର ବିଶେଷ ସନ୍ଦେଶ ହେଲା, ପ୍ରଥମେ ଲୋକମାନେ ନିଜର ଲେଖା ଭିତରେ କେବଳ ନିଜ ପାଣ୍ଡିତ୍ୟକୁ ଦେଖାଇ ସାହିତ୍ୟକୁ ଦୁର୍ବୋଧ ନକରି ସାଧାରଣ ମଣିଷଙ୍କ ମନକୁ ଛୁଇଁଲାପରି ସରଳ ଭାଷାରେ ସାହିତ୍ୟ ଲେଖିବା ଆବଶ୍ୟକ। ଅନୁରୂପ ଭାବରେ ଶିକ୍ଷାନୁଷ୍ଠାନମାନଙ୍କରେ ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଭାଷାପ୍ରତି ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ପୁରସ୍କାର, ସମ୍ମାନ ଆଦି ପ୍ରଦାନ କରାଯିବା ଉଚିତ। ଶୁଦ୍ଧ ଓଡ଼ିଆରେ ଲେଖିପାରୁଥିବା ଓ କହିପାରୁଥିବା ପିଲାଟିକୁ ଆମେ ଉପଯୁକ୍ତ ସ୍ଥାନରେ ସମ୍ମାନିତ କରିପାରିଲେ ଅନ୍ୟମାନେ ସେହି ଭାବ ଧାରାରେ ଅନୁପ୍ରାଣିତ ହେବେ।

ପ୍ର.ଦା.-ଜଣେ ସମାଜସେବୀ ଭାବରେ ଆପଣ ସମାଜ ସେବା କ୍ଷେତ୍ରରେ କେତେ ସଫଳତା ଲାଭ କରିଛନ୍ତି ?

ଦି.ଶ୍ରୀ- ମୁଁ ସମାଜସେବାରେ କେତେ ସଫଳ ବା ବିଫଳ ତାର ମୂଲ୍ୟାୟନ ମୁଁ କରିବାପାରିବି ନାହିଁ। ତାହାକୁ ମୂଲ୍ୟାଙ୍କନ କରିବେ ଜନତା। କିନ୍ତୁ ସମାଜସେବା ମୋର ପେଶା ନୁହେଁ ନିଶା। ମୋର ବୃତ୍ତି ନୁହେଁ ପ୍ରବୃତ୍ତି। ମୁଁ ସେଥିରୁ ଆତ୍ମସନ୍ତୋଷ ଲାଭ କରେ। ଯେମିତି କି କିଛିଲୋକ ପଇସା ଖର୍ଚ୍ଚ କରି ମଦପିଉଛନ୍ତି,ପଇସା ଖର୍ଚ୍ଚକରି ପ୍ରାଚୁର୍ଯ୍ୟ ଭିତରେ ଜୀବନଜାପନ କରିବାକୁ ଭଲପାଉଛନ୍ତି ମୁଁ ସେମିତି ମାଟି କାଦୁଅରେ ଘାଣ୍ଟି ହେବାକୁ ବା ଗଛଟିଏ ପୋତିଦେବାକୁ ଭଲପାଏ। (ହୋଇପାରେ ଲୋକଙ୍କ ଦୃଷ୍ଟିରେ ମୁଁ ଏକ ପାଗଳ।)

ପ୍ର.ଦା.-ଆପଣ କେଉଁ କେଉଁ ସଂଗଠନ ସହ ସଂପୃକ୍ତ ?

ଦି.ଶ୍ରୀ- ଓଡ଼ିଶାର ବହୁ ଅନୁଷ୍ଠାନ ସହିତ ମୁଁ ସଂପୃକ୍ତ। ଯଥା-ପ୍ରେରଣା ଅନୁଷ୍ଠାନର ମୁଁ ସଭାପତି, ପିକକ୍ ଅନୁଷ୍ଠାନର ପୂର୍ବତନ ସଭାପତି, ଖୋରଧା ମହୋତ୍ସବ କମିଟିର ସଭାପତି, ଜାତୀୟ ସାମରିକ ପରମ୍ପରା, ସଂସ୍କୃତି ପରିଷଦର ସାଧାରଣ ସମ୍ପାଦକ, ଗାନ୍ଧୀ ଗ୍ଲୋବାଲ୍ ଫେମିଲିର ଓଡ଼ିଶା ଆବାହକ, ରାଜୀବ ଗାନ୍ଧୀ ଯୁବ ବାହିନୀର ସଭାପତି ଇତ୍ୟାଦି।

ପ୍ର.ଦା.-ଅନେକ ସଂଗଠନରେ ଆପଣଙ୍କୁ ସାମିଲ କରିବା ପାଇଁ ସଂଗଠନର କର୍ମକର୍ତ୍ତାମାନେ ଆଗ୍ରହ ପ୍ରକାଶ କରନ୍ତି କାରଣ ଅନେକ ଅଭିନେତା, ଅଭିନେତ୍ରୀ ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଆପଣ ସେମାନଙ୍କ କାର୍ଯ୍ୟକ୍ରମରେ ସାମିଲ କରିପାରିବେ। ଏହାର ସତ୍ୟତାକୁ ଆପଣ କେତେଦୂର ପ୍ରତିପାଦିତ କରିପାରିବେ ?

ଦି.ଶ୍ରୀ- ପ୍ରଥମ କଥା ହେଉଛି ସପ୍ତମ ଶ୍ରେଣୀରୁ ସାଇକେଲ ଚଲାଇ ମୁଁ ଗାଁରେ ଡ୍ରାମା ହେଲେ କି ଫୁଟବଲ ଖେଳ ହେଲେ ଗାଁ ମୁରବୀମାନଙ୍କର ଚିଠି ବାଣ୍ଟୁଥିଲି। ଗାଁ ଟୋକାଙ୍କ ସାଙ୍ଗରେ ପଡି ପୋଖରୀରୁ ଦଳ ସଫା କରୁଥିଲି। ଗାଁ କୁ ବଡବଡ ନେତା, ମନ୍ତ୍ରୀ ଆସିବେ ବୋଲି ହାତରେ ଗାତଖୋଳି ଖୁଣ୍ଟି ପୋତୁଥିଲି। ଏବେ ମୁଁ ବିଭିନ୍ନ ଅନୁଷ୍ଠାନର ସଭାପତି ହେଲେ ଖୁଣ୍ଟି ପୋତିବାଠୁ ଭାଷଣ ଦେବା ପର୍ଯ୍ୟନ୍ତ ସବୁ କାମ କରିପାରିବି ବୋଲି ମୁଁ ଭାବୁଛି। ଲୋକେ ମତେ ବିଭିନ୍ନ ଅନୁଷ୍ଠାନର ସଭାପତି ବା କର୍ମକର୍ତ୍ତା ଭାବେ ନିଜ ଅନୁଷ୍ଠାନରେ ସ୍ଥାନ ଦେଇଛନ୍ତି। ବାକି ସିନେମା ଅଭିନେତା, ଅଭିନେତ୍ରୀ ଓ ପ୍ରତିଷ୍ଠିତ ଲୋକମାନେ ଗୋଟେ ଗୋଟେ କଥା କହିଲେ ବହୁ ଲୋକ ତାକୁ ଗ୍ରହଣ କରନ୍ତି। ସେମାନେ ବି ସମାଜର ଜଣେ ଜଣେ ମଣିଷ। ସେମାନଙ୍କର ସମାଜ ପାଇଁ ମଧ୍ୟ କିଛି କର୍ତ୍ତବ୍ୟ ରହିଛି। ତେଣୁ ସେମାନେ କେବଳ ମୁହଁରେ ରଙ୍ଗ ବୋଳି ପରଦାରେ ଅଭିନୟ ନ କରି ବାସ୍ତବ ଜୀବନରେ ଲୋକଙ୍କ ପାଇଁ କିଛି କରିବାକୁ ମୁଁ ସେମାନଙ୍କୁ ସାମିଲ କରେ। ଯଦି ଏହାଦ୍ୱାରା ଗଣମାଧ୍ୟମରେ ବେଶୀ ଖବର ସ୍ଥାନ ପାଏ ତାହାହେଲେ ଅସୁବିଧା କେଉଁଠି ? ବେଶି ଲୋକ ଖବର ପଢ଼ିଲେ ଏହି କାର୍ଯ୍ୟକ୍ରମ ପ୍ରତି ବେଶୀ ଲୋକ ଆକର୍ଷିତ ହେବେ ଓ କାର୍ଯ୍ୟର ବାର୍ତ୍ତା ବହୁ ଲୋକଙ୍କ ପାଖରେ ପହଞ୍ଚି ପାରିବ।

ପ୍ର.ଦା.-ପରିବେଶ ଶିକ୍ଷା ପ୍ରାଥମିକ ସ୍ତରରୁ ବାଧ୍ୟତାମୂଳକ ହୋଇଛି। ତଥାପି ଆପଣ ବିଭିନ୍ନ ସଭା ସମିତି, ପଦଯାତ୍ରା ଏବଂ ସବୁଜ ବାହିନୀ ସୃଷ୍ଟି କରି ସଚେତନତା ସୃଷ୍ଟି କରୁଛନ୍ତି। ଏହାର ପ୍ରଭାବ ସମାଜରେ କେତେ ପଡ଼ିବ ବୋଲି ଭାବୁଛନ୍ତି ?

ଦି.ଶ୍ରୀ- ପରିବେଶ ଶିକ୍ଷାରେ ସର୍ବୋଚ୍ଚ ନମ୍ବର ରଖୁଥିବା ପିଲାଟି ତା ଜୀବନରେ ଗୋଟିଏ ଗଛ ଲଗାଇଛି କି ନାହିଁ ପ୍ରଥମେ ବୁଝିବା ଆବଶ୍ୟକ। ଶ୍ରେଣୀ ଗୃହରେ ପାଠପଢ଼ି,ଘୋଷି ସର୍ବୋଚ୍ଚ ନମ୍ବର ରଖିଦେଲେ ସମସ୍ୟାର ସମାଧାନ ହେବ ନାହିଁ। ଏହା ପୋଥି ବାଇଗଣ ସଦୃଶ୍ୟ। କିନ୍ତୁ ପରିବେଶ ଶିକ୍ଷାରେ ବିଜ୍ଞାନ ଭଳି କିଛି ପ୍ରାକ୍ଟିକାଲ୍ ସବ୍‌ଜେକ୍ଟ ରହିବା ଦରକାର।

ଯେଉଁମାନେ ପ୍ରାକ୍ଟିକାଲ୍‌ରେ ଭଲ କରିବେ ସ୍ୱତଃ ସେମାନଙ୍କ ଭିତରେ ପରିବେଶ ସଂପର୍କରେ ଅଧିକରୁ ଅଧିକ ଅନୁଭୂତି ତିଆରି ହେବ ସେମାନେ ଅଧ୍ୟୟନ ସହିତ କିଛି କାର୍ଯ୍ୟମଧ କରିପାରିବେ। ବିଶେଷତଃ ଛାତ୍ର ଯୁବକମାନେ ଏହି କାର୍ଯ୍ୟକ୍ରମରେ ବେଶୀ ମାତ୍ରାରେ ସଂପୃକ୍ତ ହେବା ଆବଶ୍ୟକ। ବର୍ତ୍ତମାନ ୟୁ.ଜି.ସି. ଯେଉଁ ଗାଇଡ ଲାଇନ୍ ଦେଇଛି ଅଧ୍ୟୟନ କାଳ ମଧରେ ପ୍ରତ୍ୟେକ ଛାତ୍ର ଗଛଟିଏ ଲଗାଇବା ଆବଶ୍ୟକ। ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ।

ପ୍ର.ଦା.-ପ୍ରେରଣା ଅନୁଷ୍ଠାନର ଆପଣ ସଭାପତି। ଏହାର ଉତ୍ତୋରତର ଉନ୍ନତି ଆପଣଙ୍କର କର୍ତ୍ତବ୍ୟ, ସଫଳତା ଆପଣଙ୍କୁ ଉଚ୍ଚସ୍ଥାନରେ ପହଞ୍ଚାଇପାରିବ, ଏଥିପାଇଁ ଭବିଷ୍ୟତର ସ୍ୱପ୍ନ କ'ଣ ?

ଦି.ଶ୍ରୀ.- ପ୍ରେରଣା ଅନୁଷ୍ଠାନ ମାଧ୍ୟମରେ ବୃକ୍ଷରୋପଣ ପରି ମହତ୍ କାର୍ଯ୍ୟ ମାଧ୍ୟମରେ ସମାଜର ସବୁଠାରୁ ପ୍ରଦୂଷଣ ଜନିତ ଜଟିଳ ସମସ୍ୟାକୁ ରୋକିବା ପାଇଁ ଯୁବକମାନଙ୍କୁ ନେଇ ଏକ ଗ୍ରୀନ୍ ଆର୍ମି (ସବୁଜ ସୈନିକ ବାହିନୀ) ସୃଷ୍ଟି କରିବାର ଉଦ୍ୟମ ଜାରୀ ରହିଛି। ଆମର ଓଡିଶା ପାଇଁ ସ୍ୱପ୍ନ ରହିଛି ୨୦୩୫ ମସିହା ସୁଦ୍ଧା ଓଡିଶାକୁ ବିଶ୍ୱର ସବୁଜ ରାଜଧାନୀରେ ପରିଣତ କରିବା ଓ ବିଶ୍ୱ ପାଇଁ ଆମର ଚିନ୍ତା ଧାରା ହେଲା।

Plant a Tree Locally
Reduce warming Globally.

ପ୍ର.ଦା. ଦିଲ୍ଲୀପ ସାର୍‌ଙ୍କୁ ସମସ୍ତେ 'ଗଛ ସାର'୍ ବୋଲି କୁହନ୍ତି। ଜୁନ୍ ୫ ପରିବେଶ ଦିବସ, ପରିବେଶ ଦିବସରେ ଆପଣ ଗୋଟିଏ ବର୍ଷରେ କେତୋଟି ଗଛ ପୂର୍ଣ୍ଣ ସୁରକ୍ଷାଦେଇ ଲଗାଇ ପାରିବେ ? ଏବଂ ସେଥି ମଧରୁ ଆସନ୍ତାବର୍ଷ କେତେ ଗଛ ବଞ୍ଚିଥିବ ବୋଲି ଆପଣ ଆଶା କରୁଛନ୍ତି ?

ଦି.ଶ୍ରୀ- ଆସନ୍ତା ବର୍ଷ ମୁଁ ବ୍ୟକ୍ତିଗତ ଭାବରେ ଅତି କମ୍‌ରେ ୫୦୦ଟି ଗଛ ଲଗାଇ ପାରିବି। ସେଥିରୁ ୩୦୦ରୁ ଅଧିକ ଗଛ ବଞ୍ଚାଇବାକୁ ଚେଷ୍ଟା କରିବି। କିନ୍ତୁ ପ୍ରେରଣାର ସ୍ୱେଚ୍ଛାସେବୀ, ପ୍ରେରଣା ସବୁଜ ସୈନିକ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ଏନ.ସି.ସି. କ୍ୟାଡେଟ୍, ସ୍କାଉଟ୍ ଏଣ୍ଡ୍ ଗାଇଡ୍, ରେଡ୍‌କ୍ରସ୍ ଓ ସ୍ୱେଚ୍ଛାସେବୀଆଦିଙ୍କ ମାଧ୍ୟମରେ ଏକ ଲକ୍ଷ ବୃକ୍ଷରୋପଣ କରିବା ପାଇଁ ଯୋଜନା ଚାଲିଛି। ବିଶେଷ କରି ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ ଓ ପାର୍ବତ୍ୟ ଅଞ୍ଚଳରେ ଲଣ୍ଡାପାହାଡ ସୁରକ୍ଷା ପାଇଁ ଚେଷ୍ଟା କରିବି। ମୋ ମତରେ ....

**'ଜଙ୍ଗଲ ମୋ ମନ୍ଦିର,**
**ଗଛ ମୋ ଦେବତା'।।**

ପ୍ର.ଦା.-ଆପଣଙ୍କର ଏସବୁ କାର୍ଯ୍ୟ କରିବାରେ ଆପଣଙ୍କର ପରିବାରର ସଦସ୍ୟଙ୍କ ସହ ଆପଣଙ୍କ ପତ୍ନୀ ଅଧାପିକା ଶ୍ରୀମତୀ ଅନୁପମା ଚମ୍ପତିରାୟ କେତେ ସହଯୋଗ କରିଛନ୍ତି ?

ଦି.ଶ୍ରୀ- ମୁଁ ଏକାନ୍ନବର୍ତ୍ତୀ ପରିବାରର। ପ୍ରତ୍ୟେକ ସଦସ୍ୟଙ୍କର ଏଥିପ୍ରତି ସହଯୋଗ ରହିଛି। ବିଶେଷ କରି ମୋ ବୋଉ ଶ୍ରୀମତୀ କନକ ମଞ୍ଜରୀ ଶ୍ରୀଚନ୍ଦନ, ବଡଭାଇ ଶ୍ରୀଯୁକ୍ତ ରାସବିହାରୀ ଶ୍ରୀଚନ୍ଦନ ଓ ଶ୍ରୀଯୁକ୍ତ ପ୍ରକାଶ ଶ୍ରୀଚନ୍ଦନଙ୍କର ଯଥେଷ୍ଟ ସହଯୋଗ ରୁହେ। ଆଉ ମୋର ଅଧାପିକା ପତ୍ନୀ ଶ୍ରୀମତୀ ଅନୁପମା ଚମ୍ପତିରାୟ ଜଣେ କର୍ମଜୀବୀ ମହିଳା ହେବା ସତ୍ତ୍ୱେ ମୋ ପରିବାରର ସମସ୍ତ ଦାୟିତ୍ୱ ତୁଲାଉଥିବାରୁ ମୁଁ ପାରିବାରିକ କାର୍ଯ୍ୟରୁ ମୁକ୍ତ ହୋଇ ଏହି ସବୁ କାର୍ଯ୍ୟରେ ନିଜକୁ ବେଶି ସାମିଲ କରିପାରେ। ଏହା ବ୍ୟତୀତ କୌଣସି କାର୍ଯ୍ୟ ଯଦି ଛୁଟି ଦିନରେ କରାଯାଏ ତେବେ ସେହି କାର୍ଯ୍ୟକ୍ରମରେ ସେ ସାମିଲ ହୁଅନ୍ତି।

ପ୍ର.ଦା. - ଭାରି ଖୁସି ଲାଗେ, ଖରାଦିନେ ଗଛ ତଳେ ଠିଆହେଲେ। ସେମିତି ମୁଁ ଆପଣଙ୍କ ପାଖରେ ଠିଆ ହେଲେ କାହିଁକି କେଜାଣି ମତେ ଖୁସି ଲାଗେ। କାରଣ ଟିକିଏ ଛାଇ ଏବଂ ଆନନ୍ଦ ଅନୁଭବ ପାଇଁ। ପ୍ରକୃତିକୁ ଭଲ ପାଉଥିବା ମଣିଷଟିଏ ଆପଣ। ମଣିଷ ପଣିଆର ଛାଇରେ ଆପଣ ଅନ୍ୟମାନଙ୍କୁ ଖୁସି ପ୍ରଦାନ କରନ୍ତି। ମଣିଷ ପରି ମଣିଷଟିଏ ହୋଇ ବଞ୍ଚନ୍ତୁ। ଜଣେ ପ୍ରକୃତି ପ୍ରେମୀ, ସାହିତ୍ୟିକ, ଦୃଢ ସଂଗଠକ, ଏବଂ ଉତ୍ତମ ବନ୍ଧୁ ଭାବରେ ଆପଣଙ୍କୁ 'ଆମରି ସତ୍ୟ' ପରିବାର ତରଫରୁ କୃତଜ୍ଞତା ଏବଂ ଅଭିନନ୍ଦନ।

